Pratham

# ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ୍ 2021-2022

Pratham

## ବିଜ୍ଞାପନ

### ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ
### ଆନ୍‌ସାରୀ ନଗର, ନୂଆଦିଲ୍ଲୀ-୧୧୦୬୦୮
### ପରୀକ୍ଷା ବିଭାଗ

ବିଜ୍ଞାପନ ନଂ.୬୯/୨୦୨୧

**No. F.AIIMS/Exam.Sec./Advt./4-11/(SR/SD-July-21)/2021** **Date : 07.05.2021**

**ଏମ୍‌ସ, ନୂଆଦିଲ୍ଲୀଠାରେ ଜୁଲାଇ ୨୦୨୧ ଅଧିବେଶନ ପାଇଁ ସିନିୟର ରେସିଡେଣ୍ଟ/ ସିନିୟର ଡେମୋନଷ୍ଟ୍ରେଟର ପଦରେ ନିଯୁକ୍ତି ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା (ପର୍ଯ୍ୟାୟ-୧)**

ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ସମୟ ପାଇଁ ସିନିୟର ରେସିଡେଣ୍ଟ/ସିନିୟର ଡେମୋନଷ୍ଟ୍ରେଟର ଅବଧିଯୁକ୍ତ ପଦ ପାଇଁ ଭାରତ ସରକାରଙ୍କ ରେସିଡେନ୍‌ସୀ ସ୍କିମ୍ ଅନୁଯାୟୀ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ ଆବେଦନପତ୍ର ଆହ୍ୱାନ କରାଯାଉଛି । ଏହି ପଦରେ ବର୍ତ୍ତମାନ ଖାଲିଥିବା ପଦ, ତ.ଜାତି, ତ.ଜନଜାତି,ଅନ୍ୟାନ୍ୟ ପଛୁଆ ବର୍ଗ ଓ ୦୧.୦୭.୨୦୨୧ ରୁ ୩୧.୧୨.୨୦୨୧ ମଧ୍ୟରେ ଖାଲିହେବାକୁ ଥିବା ପଦ (ପର୍ଯ୍ୟାୟ-୧) ଅନ୍ତର୍ଭୁକ୍ତ । ପଦର ବିସ୍ତୃତ ବିବରଣୀ ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ । ପରୀକ୍ଷା କେବଳ ଅନ୍‌ଲାଇନ (ସିବିଟି) ପଦ୍ଧତିରେ କରାଯିବ ଓ ଏହାପରେ ଯୋଗ୍ୟ ପ୍ରାର୍ଥୀଙ୍କର ସାକ୍ଷାତକାର (ପର୍ଯ୍ୟାୟ-୨) କରାଯିବ ।

**ଆବେଦନ ପାଇଁ ଅନ୍‌ଲାଇନ ପଞ୍ଜୀକରଣ**

| ଖୋଲାହେବା ତାରିଖ | ବନ୍ଦହେବା ତାରିଖ |
|---|---|
| ୧୧ ମେ, ୨୦୨୧ (ମଙ୍ଗଳବାର) | ୨୮ ମେ, ୨୦୨୧ ସମୟ ଅପରାହ୍ନ ୫ ଘଟିକା (ଶୁକ୍ରବାର) |

**ନିଯୁକ୍ତି ପରୀକ୍ଷା ତାରିଖ**

| ପରୀକ୍ଷା ତାରିଖ | ପରୀକ୍ଷା ଅବଧି | ପରୀକ୍ଷା ସହର |
|---|---|---|
| ପରୀକ୍ଷା ତାରିଖ ପରେ ଘୋଷଣା କରାଯିବ | ସକାଳ ୧୦ଟାରୁ ୧୧ଟା୩୦ | ଭାରତରେ ୪ ମେଟ୍ରୋ ସହର (ଦିଲ୍ଲୀ/ଏନ୍‌ସିଆର, ମୁମ୍ବାଇ, କୋଲକତା ଓ ଚେନାଇ) |

ଯୋଗ୍ୟ ପ୍ରାର୍ଥୀଙ୍କର ଆଡମିଟ୍ କାର୍ଡ କେବଳ ୱେବ୍‌ସାଇଟରେ ଅପଲୋଡ୍ କରାଯିବ । ଯଦି ପଞ୍ଜୀକରଣ ଫର୍ମ କିମ୍ବା ଆଡମିଟ୍ କାର୍ଡର ସ୍ଥିତି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବନାହିଁ ତେବେ ପ୍ରାର୍ଥୀ ତୁରନ୍ତ ପ୍ରାର୍ଥୀଙ୍କ ନାମ, ପରୀକ୍ଷା/ଟେଷ୍ଟ, ଆବେଦନ ବିଷୟ, ପ୍ରାର୍ଥୀ ଆଇଡି ଓ ବିଶେଷ ଅନୁସନ୍ଧାନ/ସ୍ୱୀକାରଣ ସହ **aiims.srsdexams@gmail.com**ରେ ଆସିଷ୍ଟାଣ୍ଟ କଣ୍ଟ୍ରୋଲର (ଏକ୍ସାମିନେସନ୍ସ), ଏଆଇଆଇଏମ୍‌ଏସ୍, ନୂଆଦିଲ୍ଲୀ-୧୧୦୬୦୮ ଠିକଣାରେ ପଞ୍ଜିକୃତ ଇମେଲ ଆଇଡି ଜରିଆରେ ଇମେଲ ଲେଖିବା ଆବଶ୍ୟକ ।

**ଗୁରୁତ୍ୱପୂର୍ଣ୍ଣ** : ପ୍ରସପେକ୍ଟସ, ପଦ ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ବିସ୍ତୃତ ସୂଚନା ଇତ୍ୟାଦି ପାଇଁ ଦୟାକରି ୱେବ୍‌ସାଇଟ **www.aiimsexams.ac.in** ଦେଖନ୍ତୁ । ସମସ୍ତ ଆବେଦନକାରୀ ନିୟମିତଭାବେ ୱେବ୍‌ସାଇଟ ଦେଖିବା ଆବଶ୍ୟକ ଯେହେତୁ ସମସ୍ତ ପରବର୍ତ୍ତୀ ଭ୍ରମସଂଶୋଧନ/ସଂଯୋଗୀକରଣ/ସଦ୍ୟତନ କେବଳ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ ।

**davp 17112/11/0003/2122** ଆସିଷ୍ଟାଣ୍ଟ କଣ୍ଟ୍ରୋଲର(ପରୀକ୍ଷା)

ପ୍ରଶ୍ନ -୧. ଏଠାରେ କେଉଁ ପଦବୀ ଆବେଦନ କରିବାକୁ କୁହାଯାଇଛି ?

ପ୍ରଶ୍ନ – ୨ . ଏହି ପଦବୀ କିପରି ଆବେଦନ କରିବେ ?

ପ୍ରଶ୍ନ- ୩ . ଆବେଦନ କରିବାର ଶେଷ ତାରିଖ କେବେ ଅଛି ?

ପ୍ରଶ୍ନ- ୪ . ଉକ୍ତ ପଦବୀ ନିମନ୍ତେ ପରୀକ୍ଷା କେଉଁ କେଉଁ ସହରରେ ହେବ ?

ପ୍ରଶ୍ନ- ୫ . ଉକ୍ତ ପଦବୀ ପାଇଁ ଆବେଦନ କରିଥିବା ବ୍ୟକ୍ତି କେଉଁ ସମୟରେ ପରୀକ୍ଷା ଦେବେ ?